ଓଡ଼ିଶା ସରକାର
କ୍ରୀଡ଼ା ଓ ଯୁବ ସେବା ବିଭାଗ
ସି-୧,ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

## କ୍ରୀଡ଼ାବିତ ପେନସନ୍ ପାଇବା ପାଇଁ ଦରଖାସ୍ତ ଆହ୍ୱାନ

No. 7180/SYS dt. 4/07/2013.

କ୍ରୀଡ଼ା ଓ ଯୁବ ସେବା ବିଭାଗ,ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୩-୧୪ ଆର୍ଥିକ ବର୍ଷରେ ନିମ୍ନୋକ୍ତ ସର୍ତାବଳୀ ପୂରଣ କରୁଥିବା ନିର୍ଧନ ଓ ଦୁସ୍ଥ କ୍ରୀଡ଼ାବିତ ମାନଙ୍କୁ ମାସିକ ପେନ୍ ସନ୍ ପ୍ରଦାନ ନିମନ୍ତେ କ୍ରୀଡ଼ାବିତ ମାନଙ୍କଠାରୁ ନିର୍ଧାରିତ ଫର୍ମରେ ୩୧-୦୮-୨୦୧୩ ତାରିଖ ସୁଧା ଦରଖାସ୍ତ ଆହ୍ୱାନ କରାଯାଉଛି ।

୦୧. ୦୧-୦୪-୨୦୧୩ ତାରିଖ ସୁଧା ପୁରୁଷ କ୍ରୀଡ଼ାବିତ୍ ମାନଙ୍କ ବୟସ ୫୦ ବର୍ଷ ଓ ମହିଳା କ୍ରୀଡ଼ାବିତ୍ ମାନଙ୍କ ବୟସ ୪୦ ବର୍ଷରୁ କମ୍ ହୋଇନଥିବ । ଏହା ବ୍ୟତିତ ଯେଉଁ କ୍ରୀଡ଼ାବିତ୍ ମାନେ କ୍ରୀଡ଼ା କ୍ଷେତ୍ରରେ ହଠାତ୍ ଆଘାତ ପ୍ରାପ୍ତ ହୋଇଥିବେ ଏବଂ ତତ୍ ଜନିତ ଯନ୍ତ୍ରଣାରୁ/ କ୍ଷତରୁ ସାଧାରଣ ଜୀବନ ଯାପନରୁ ଅପରିପକ୍ୱ ଭାବେ ଅବ୍ୟାହତ ନେଇଥିବେ ସେମାନଙ୍କ କ୍ଷେତ୍ରରେ ସର୍ବାଧିକ ବୟସ ସୀମା ୧୦ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବାର ବ୍ୟବସ୍ଥା ରହିଛି । ଶିକ୍ଷିତ ଆବେଦନକାରୀ ସେମାନଙ୍କର ବିଦ୍ୟାଳୟ କର୍ତୃପକ୍ଷଙ୍କଠାରୁ ବୟସ ପ୍ରମାଣ ପତ୍ର ଓ ନିରକ୍ଷରଙ୍କ କ୍ଷେତ୍ରରେ ଭୋଟର ପରିଚୟ ପତ୍ରର ସହିମୋହର ନକଲ ଦାଖଲକରିବା ବାଧନୀୟ ।

୦୨. ଆବେଦନକାରୀଙ୍କର ବାର୍ଷିକ ଆୟ ଯେକୌଣସି ସୂତ୍ରରୁ ୫୦ ହଜାର ଟଙ୍କାରୁ ଅଧିକ ହୋଇନଥିବ । ସେମାନେ ମଧ କ୍ରୀଡ଼ା କ୍ଷେତ୍ରରେ ଅନ୍ୟ କୌଣସି ଅନୁଷ୍ଠାନ/ସଂସ୍ଥାରୁ ଆର୍ଥିକ ଅନୁଦାନ, ସାହାଯ୍ୟ କିମ୍ବା ଭତ୍ତା ପାଉନଥିବେ । ସରକାରୀ, ବେସରକାରୀ, ଅର୍ଧସରକାରୀ ସଂସ୍ଥା ଓ ଉଦ୍ୟୋଗରୁ ଯଦି ଆବେଦନକାରୀ କୌଣସି ଅର୍ଥ ପାଉଥାନ୍ତି ତାହା ବିଶଦ ଭାବରେ ବାର୍ଷିକ ଆୟ ପ୍ରମାଣ ପତ୍ରରେ ଉଲ୍ଲେଖ ରହିବା ନିହାତି ବାଧନୀୟ ।

୦୩. ଆବେଦନକାରୀ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ କ୍ରୀଡ଼ା ମଧ୍ୟରୁ ଏକ ବା ଏକାଧିକ ଖେଳରେ ଅନ୍ତତଃ ୧ ବର୍ଷ ପାଇଁ ରାଜ୍ୟ ତରଫରୁ ଜାତୀୟ ସ୍ତରରେ ସ୍ୱୀକୃତି ପ୍ରାପ୍ତ କ୍ରୀଡ଼ା ପ୍ରତିଯୋଗିତା / ଟୁର୍ଣାମେଣ୍ଟରେ ଭାଗନେଇଥିବେ ।

୦୪. ଆବେଦନକାରୀ ଯଦି ପାରମ୍ପାରିକ କ୍ରୀଡ଼ା କିମ୍ବା ପାଇକ ଆଖଡ଼ା ପର୍ଯ୍ୟାୟଭୁକ୍ତ ପ୍ରତିଯୋଗିତା / ପ୍ରଦର୍ଶନରେ ଅନ୍ୟୁନ ୫ ଥର ଭାଗନେଇଥିବେ ।

୦୫. ଆବେଦନକାରୀ କୌଣସି ଫୌଜଦାରି ମାମଲା ଯୋଗୁଁ ଅଦାଲତରେ ଦଣ୍ଡିତ ହୋଇନଥିବେ ।

୦୬. ପ୍ରତ୍ୟେକ ବର୍ଷ ନୂତନ ଭାବେ ଯେତିକି ପେନ୍ ସନ୍ ଧାରିଙ୍କୁ ମନୋନିତ କରାଯିବ ତନ୍ମଧ୍ୟରୁ ଶତକଡ଼ା ୭୦ ଭାଗ କ୍ରୀଡ଼ା କ୍ଷେତ୍ରରୁ ଓ ଶତକଡ଼ା ୩୦ ଭାଗ ପାଇକା କ୍ଷେତ୍ରରୁ ପ୍ରାର୍ଥୀ ମନୋନୟନ କରାଯିବ ।

ଆବେଦନକାରୀ ନିମ୍ନଲିଖିତ ଦରଖାସ୍ତ ଫର୍ମରେ ସଂପୂର୍ଣ୍ଣ ତଥ୍ୟ ଓ ନିଜର ଆୟ, ଶିକ୍ଷାଗତ ଯୋଗ୍ୟତା ଓ ବୟସର ପ୍ରମାଣ ପତ୍ର ସହିତ ୩ ଗୋଟି ପାସ୍‌ପୋର୍ଟ ସାଇଜ ଫଟୋଗ୍ରାଫ ତଥା ଅନ୍ୟାନ୍ୟ ସାର୍ଟିଫିକେଟ୍ ଏବଂ କ୍ରୀଡ଼ା ସଂକ୍ରାନ୍ତୀୟ ପ୍ରମାଣପତ୍ରର ସହି ମୋହର ନକଲ ସଂଲଗ୍ନ କରି ୩୧-୦୮-୨୦୧୩ ତାରିଖ ସୁଧା ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସୁପାରିଶ୍ ସହ କ୍ରୀଡ଼ା ଓ ଯୁବସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ କାର୍ଯ୍ୟାଳୟରେ ଦାଖଲ କରିବା ଆବଶ୍ୟକ । ଅସମ୍ପୂର୍ଣ୍ଣ ବିବରଣୀ ଥିବା ଦରଖାସ୍ତ କିମ୍ବା ସଠିକ୍ ଭାବେ ପୂରଣ ହୋଇନଥିବା ଦରଖାସ୍ତ ଗୁଡ଼ିକ ଆଦୌ ବିଚାରକୁ ନିଆଯିବ ନାହିଁ ।

## ଦରଖାସ୍ତ ଫର୍ମ

## ୨୦୧୩-୧୪ ଆର୍ଥିକ ବର୍ଷ ନିମନ୍ତେ ନିର୍ଦ୍ଧନ ଓ ଦୁସ୍ଥ କ୍ରୀଡ଼ାବିତ୍ ମାନଙ୍କୁ ପେନ୍ ସନ୍ ଅନୁଦାନ ଦେବା ନିମନ୍ତେ ଆବେଦନ ପତ୍ର

| |
|---|
| ନିକଟରେ ଉଠାଯାଇଥିବା ୩ ଗୋଟି ପାସ୍ ପୋର୍ଟ ସାଇଜ୍ ଫଟୋ |

୧. ନାମ :

୨. ବର୍ତ୍ତମାନ ଠିକଣା :

ଗ୍ରାମ :

ପୋ.ଅ :

ଜିଲ୍ଲା :

ଫୋନ ନମ୍ବର :

୩. ସ୍ଥାୟୀ ଠିକଣା :

ଗ୍ରାମ :

ପୋ.ଅ :

ଜିଲ୍ଲା :

୪. ଶିକ୍ଷାଗତ ଯୋଗ୍ୟତା :- (ସଂପୃକ୍ତ ଶିକ୍ଷା ଅନୁଷ୍ଠାନର ପ୍ରାପ୍ତ ପ୍ରମାଣ ପତ୍ରର ନକଲ ଗେଜେଟଡ୍ ଅଫିସରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ )

୫. (କ) ଜନ୍ମ ତାରିଖ :-

(ପ୍ରମାଣ ପତ୍ରର ନକଲ ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ )
ଶିକ୍ଷିତ ଆବେଦନକାରୀ ସେମାନଙ୍କର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ବୟସ ପତ୍ର ଓ ନିରକ୍ଷରଙ୍କ ଭୋଟର ପରିଚୟ ପତ୍ରର ସହିନକଲ ଦାଖଲ କରିବା ବାଧନୀୟ ।

(ଖ) ତା ୦୧-୦୪-୨୦୧୩ ରିଖ ସୁଦ୍ଧା ବୟସ :-

ବର୍ଷ ମାସ ଦିନ

୬. କ୍ରୀଡ଼ା କ୍ଷେତ୍ରରେ ତଥା ପାରମ୍ପାରିକ ଖେଳରେ ହାସଲ କରିଥିବା କୃତିତ୍ୱ :-
(ଆବେଦନକାରୀ ଅନ୍ୟୁନ୍ୟ ସ୍ୱୀକୃତି ପ୍ରାପ୍ତ କ୍ରୀଡ଼ା ଶୃଙ୍ଖଳାରେ ରାଜ୍ୟ ତରଫରୁ ବରିଷ୍ଠ/କନିଷ୍ଠ ସ୍ତରରେ ଏକଥର ପ୍ରତିନିଧିତ୍ୱ କରିଥିବେ । ସେହିପରି ପାଇକ ଆଖଡ଼ା ଖେଳ ଶୃଙ୍ଖଳାରେ ଅନ୍ୟୁନ୍ୟ ପାଥର ଜିଲ୍ଲାସ୍ତରୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରମାଣ ପତ୍ରର ସହି ମୋହର ନକଲ ଦାଖଲ କରିବା ଆବଶ୍ୟକ)।

୭. କ୍ରୀଡ଼ା ଯୋଗୁଁ ଶାରୀରିକ ଅକ୍ଷମ ହୋଇଥିଲେ ସେ ବିଷୟରେ ବିଷଦ ବିବରଣୀ :-
(ମେଡ଼ିକାଲ ବୋର୍ଡ଼ର ପ୍ରମାଣ ପତ୍ରର ସହି ନକଲ ସହ)

୮. ବର୍ତ୍ତମାନ ପେଷା ବିଭିନ୍ନ ସୂତ୍ରରୁ ପ୍ରାର୍ଥୀଙ୍କର ବାର୍ଷିକ ଆୟର ବିବରଣୀ :- (ଆୟ ସଂବଧୀୟ ବିବରଣୀ (Revenue Officer) ଙ୍କ ଠାରୁ ଦାଖଲ କରିବାକୁ ପଡ଼ିବ)।

୯. ଦରଖାସ୍ତକାରୀଙ୍କ ଉପରେ ନିର୍ଭରଶୀଳ ପରିବାରର ସଂଖ୍ୟା, ଦରଖାସ୍ତକାରୀ ସହ ସେମାନଙ୍କ ସମ୍ପର୍କ, ବୟସ, ବଅତି ତାହାର ବିବରଣୀ :-

୧୦. ସରକାରୀ,ବେସରକାରୀ ସଂସ୍ଥା ବା କ୍ରୀଡ଼ା କ୍ଷେତ୍ରରେ ସୁନାମଧନ୍ୟ ଅନୁଷ୍ଠାନଙ୍କରୁ ମିଳିଥିବା ସାର୍ଟିଫିକେଟ/ଉପାଧି ପ୍ରଭୃତିର ବିବରଣୀ (ପ୍ରମାଣ ପତ୍ରର ନକଲ ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ଆବଶ୍ୟକ) ।

୧୧. ଦରଖାସ୍ତକାରୀ କେନ୍ଦ୍ର ବା ରାଜ୍ୟ ସରକାରଙ୍କଠାରୁ ଏଭଳି ଯୋଜନାରେ ପୂର୍ବରୁ କୌଣସି ସାହାଯ୍ୟ ପାଇଛନ୍ତି କି ?
ଯେବେ ପାଇଥାନ୍ତି, ବିଶେଷ ବିବରଣୀ ଦେବେ ।

୧୨. ଦରଖାସ୍ତକାରୀ ପୂର୍ବରୁ କୌଣସି ଫୌଜଦାରୀ ମାମଲାରେ ଆଇନ୍ ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛନ୍ତି କି ?
ଉତର, ହଁ, ହେଲେ, ଏ ସମ୍ପର୍କୀୟ ସଂପୂର୍ଣ୍ଣ ବିବରଣୀର କାଗଜାତ୍ ଦାଖଲ କରିବା ଆବଶ୍ୟକ । ଦରଖାସ୍ତକାରୀ ପୂର୍ବରୁ ନିଷିଦ୍ଧ ନିଶା ସେବନକାରୀ ଔଷଧ ବ୍ୟବହାର କରି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଧରାପଡ଼ି ଦଣ୍ଡିତ ହୋଇଛନ୍ତି କି ଯଦି ନାଁ ଏ ସଂକ୍ରାନ୍ତୀୟ ଏକ ଅଙ୍ଗିକାର ପତ୍ର ଦାଖଲ କରିବା ଆବଶ୍ୟକ ।

୧୩. ଭତା ମଞ୍ଜୁର ହେଲେ କେଉଁ ଷ୍ଟେଟ୍ ବ୍ୟାଙ୍କ ଜରିଆରେ ପାଇବା ପାଇଁ ଇଛୁକ ଷ୍ଟେଟ୍ ବ୍ୟାଙ୍କର ସବିଶେଷ ଠିକଣା ଓ ନିଜ ନାମରେ ଜମା ଖାତାଥିଲେ ତାହାର ନମ୍ବର ଓ ଜେରକ୍ସ ନକଲ ।

୧୪. ଅନ୍ୟ କୌଣସି ଜ୍ଞାତବ୍ୟ ତଥ୍ୟ :-
ଉପରୋକ୍ତ ତଥ୍ୟାତଥ୍ୟ ମୋ ଜ୍ଞାତସାରରେ ସତ୍ୟ ବୋଲି ଜାଣି ଉପସ୍ଥାପନ କରୁଅଛି । କୌଣସି ତଥ୍ୟ ମିଥ୍ୟା ପ୍ରମାଣ ହେଲେ, ଆଇନ୍ ଅନୁଯାୟୀ ଦଣ୍ଡିତ ହେବି ବୋଲି ମୁଁ ଅଙ୍ଗୀକାର କରୁଅଛି ।

ତାରିଖ :

ସ୍ଥାନ : ଦରଖାସ୍ତକାରୀଙ୍କ ସ୍ୱାକ୍ଷର

## ଜିଲ୍ଲାର ଜିଲ୍ଲାପାଳଙ୍କ ସୁପାରିଶ

ଏତତ୍ ଦ୍ୱାରା ଶ୍ରୀ/ଶ୍ରୀମତୀ : ____________________

ଗ୍ରାମ : ____________________, ପୋ ____________________

ଥାନା : ____________________, ଜିଲ୍ଲା ____________________

ଦାଖଲ କରିଥିବା ତଥ୍ୟାବଳୀ ଯାଞ୍ଚ କରାଯାଇ ସଠିକ୍ ବୋଲି ଜଣାଗଲା ଓ ଏହି ଦରଖାସ୍ତ ପେନସନ୍ କମିଟିର ବିଚାର ପାଇଁ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ସୁପାରିଶ କରାଗଲା ।

ତାରିଖ : ଜିଲ୍ଲାପାଳଙ୍କ ସ୍ୱାକ୍ଷର

ସ୍ଥାନ : ନାମ :

ମୋହର :

## ପୂର୍ବରୁ ମୃତ୍ୟୁବରଣ କରିଥିବା କ୍ରୀଡ଼ା ପେନ୍ ସନ୍ ଭୋଗୀଙ୍କ ଜୀବିତ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସପକ୍ଷରେ କ୍ରୀଡ଼ା ପେନ୍ ସନ୍ ମଂଜୁର ନିମନ୍ତେ ଦରଖାସ୍ତ ଆହ୍ୱାନ ।

ମୃତ୍ୟୁ ବରଣ କରିଥିବା କ୍ରୀଡ଼ା ପେନ୍ ସନ୍ ଭୋଗୀଙ୍କର ଜୀବିତ ଥିବା ସ୍ତ୍ରୀ କିମ୍ବା ସ୍ୱାମୀ ମାନଙ୍କ ସପକ୍ଷରେ ରାଜ୍ୟସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା କ୍ରୀଡ଼ା ପେନ୍ ସନ୍ ପ୍ରଦାନର ବ୍ୟବସ୍ଥା ଅନୁଯାୟୀ ସଂପୃକ୍ତ ଆବେଦନକାରୀ ନିମ୍ନଲିଖିତ ଦରଖାସ୍ତ ଫର୍ମରେ ନିଜର ସଂପୂର୍ଣ୍ଣ ବିବରଣୀ ସହିତ ମୃତ୍ୟବରଣ କରିଥିବା କ୍ରୀଡ଼ା ପେନ୍ ସନ୍ ଭୋଗୀଙ୍କର ମୃତ୍ୟୁ ପ୍ରମାଣ ପତ୍ର (Death Certificate), ନିଜର ଜୀବିତ ପ୍ରମାଣ ପତ୍ର (Life Certificate), ଓ ଉତରାଧିକାରୀ ପ୍ରମାଣ ପତ୍ର (Legal heir Certificate) ସଂପୃକ୍ତ ଜିଲ୍ଲାପାଳଙ୍କ ସୁପାରିଶରେ ୩୧-୮-୨୦୧୩ ତାରିଖ ସୁଦ୍ଧା କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ କାର୍ଯ୍ୟାଳୟରେ ଦାଖଲ କରିବା ଆବଶ୍ୟକ ।

### ଦରଖାସ୍ତ ଫର୍ମ

(ମୃତ୍ୟୁବରଣ କରିଥିବା କ୍ରୀଡ଼ା ପେନ୍ ସନ୍ ଭୋଗୀଙ୍କ ଜୀବିତ ସ୍ତ୍ରୀ କିମ୍ବା ସ୍ୱାମୀମାନଙ୍କ ପାଇଁ )

୧. ଜୀବିତ ଥିବା ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ନାମ :-

୨. ମୃତ ପେନ୍ ସନ୍ ଭୋଗୀଙ୍କ ସହ ସଂପର୍କ :-

୩. ମୃତ ପେନ୍ ସନ୍ ଭୋଗୀଙ୍କ ନାମ :-

୪. ଆବେଦନକାରୀଙ୍କ ବର୍ତମାନ ଠିକଣା

ଗ୍ରାମ :

ପୋ.ଅ :

ଜିଲ୍ଲା :

ଫୋନ ନମ୍ବର :

୫. ପେନ୍ ସନ୍ ଭୋଗୀଙ୍କ ମୃତ୍ୟ ତାରିଖ (ପ୍ରମାଣ ପତ୍ର ସହ)

| ନିକଟରେ ଉଠାଯାଇଥିବା ୩ ଗୋଟି ପାସ୍ ପୋର୍ଟ ସାଇଜ୍ ଫଟୋ |
|---|

ଆବେଦନକାରୀଙ୍କ ସ୍ୱାକ୍ଷର

ବିଦ୍ର : ଦରଖାସ୍ତକାରୀ ଏଥି ସହ ଅନ୍ୟାନ ପ୍ରମାଣପତ୍ର ସହ ନିଜର ଜୀବିତ ପ୍ରମାଣପତ୍ର ଓ ଉତରାଧିକାରୀ ପ୍ରମାଣ ପତ୍ର (Life Certificate) ଓ Legal heir Certificate ର ସହି ମୋହର ନକଲ ଦାଖଲ କରିବା ନିହାତି ଆବଶ୍ୟକ ।

ନିର୍ଦ୍ଦେଶକ
କ୍ରୀଡ଼ା ଓ ଯୁବସେବା ବିଭାଗ